## କାଠ ବୋଝେଇ ପିକ୍‌ଅପ୍ ଜବତ

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ବନବିଭାଗ ପକ୍ଷରୁ ରେମୁଣାରୁ ସାଆନ୍ତା ପିତଲ୍ଲିଡି ରାସ୍ତାରେ ଯାଉଥିବା କାଠ ବୋଝେଇ ପିକଅପ୍‌କୁ ଶୁକ୍ରବାର ବନ କର୍ମଚାରୀ ନରହରିପୁର ଛକଠାରେ ଅଟକାଇଥିଲେ। ଡ୍ରାଇଭର ଗାଡ଼ି ଛାଡି ଫେରାର ହେବାରେ ସକ୍ଷମ ହୋଇଥିଲେ। ଗାଡ଼ିରେ ୪୦.୯୫ସିଫ୍ଟର ୧୧ଖଣ୍ଡ ଆମ୍ବଗଣ୍ଡି, ୨୩.୮୨ସିଫ୍ଟର ୩ଖଣ୍ଡ ତୁଡୁରା ଗଣ୍ଡି ଜବତ କରି ଜାମୁଡ଼ିହା ସ୍ଥାୟୀ ନର୍ସରୀକୁ ନେଇଯାଇଥିଲେ। ଚଢ଼ାଉରେ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇଶା ଏ ନିଶା, ମିତ୍ରପୁର ଫରେଷ୍ଟର ସରୋଜ କୁମାର ପ୍ରଧାନ, ଫରେଷ୍ଟଗାର୍ଡ଼ ମନୋରଞ୍ଜନ ସିଂ ସାମିଲ ଥିଲେ।

## ସଂକ୍ଷେପରେ

### ରିଲେ ଅନଶନକୁ ରାଜ୍ୟ କୁଡ୍ମୀ ସେନାର ସମର୍ଥନ

**ଡାକ୍ତରଖାନା ଉନ୍ନତୀକରଣ ପ୍ରସଙ୍ଗ**

ବୈଶିଙ୍ଗା,୭।୧୦(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଡାକ୍ତରଖାନା ଉନ୍ନତୀକରଣ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଜାରି ରହିଥିବା ରିଲେ ଅନଶନ ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। କୁଡ୍ମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ପଚାଶରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଜଣାଇ ଅନଶନରେ ସାମିଲ ହୋଇଥିଲେ। ୯୮ ବର୍ଷର ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ପାଇଁ ଦୀର୍ଘ ବର୍ଷ ଧରି ୨୦ ପଞ୍ଚାୟତବାସୀଙ୍କ ସଂଘର୍ଷ ଜାରି ରହିଥିଲେ ମଧ୍ୟ ସରକାର ନ ଶୁଣିବା ପରିତାପର ବିଷୟ ବୋଲି କହିଥିଲେ। ଦାବି ପୂରଣ ନହୁଏ ତାହେଲେ ଏହି ଆନ୍ଦୋଳନକୁ ତୀବ୍ରରୁ ତୀବ୍ରତର କରାଯିବା ନେଇ ସରକାରଙ୍କୁ ଚେତାବନୀ ଦେଇଥିଲେ।

### ଲୋକଙ୍କୁ ଯୋଜନା ସମ୍ପର୍କରେ ବୁଝାଇବାକୁ ଆହ୍ୱାନ

ହାଟଡ଼ିହୀ,୭।୧୦(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ବ୍ଲକ୍‌ରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ତେଲକୋଇ ପ୍ରେମାନନ୍ଦ ନାୟକ, ଜିଲା ସଭାପତି ମାଧବ ସର୍ଦ୍ଦାର, ଜିଲା ଯୁବ ସଭାପତି ରାକେଶ ରାମଙ୍କ ସମେତ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସମାଗମ ହୋଇଥିଲା। ହାଟଡ଼ିହୀ କଲେଜ ଛକଠାରୁ ପଦଯାତ୍ରା ଛେନାପଦି ଛକ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ସମୟରେ ନବୀନ ସରକାରଙ୍କ ଜନ କଲ୍ୟାଣ ଯୋଜନା ଏବଂ ସଫଳତାକୁ ନେଇ ସ୍ଲୋଗାନ ଦିଆଯାଇଥିଲା। ପରେ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ଦଳର ସ୍ଥିତିକୁ ଅଧିକରୁ ଅଧିକ ମଜବୁତ କରିବା ଏବଂ ନବୀନ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଦିଗରେ ଘରକୁ ଘର ବୁଲି ଲୋକଙ୍କୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।

### 'ଗଛକୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ'

ଖୁଣ୍ଟା, ୭।୧୦ (ଦେବରଞ୍ଜନ ବେହେରା)-ମୟୂରଭଞ୍ଜ ଜିଲା ଖୁଣ୍ଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଟାଟାପାୱାର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମସାୟ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଉଦଳା ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଦାସ, ଖୁଣ୍ଟା ବିଦ୍ୟୁତ୍ ଉପଖଣ୍ଡ ଏସ୍‌ଡିଓ ପ୍ରକାଶ ଚନ୍ଦ୍ର ସାହୁ, ଉଦଳା ଏସ୍‌ଡିଓ ଅନାଥବନ୍ଧୁ ଚରଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତରୁଣ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବୃକ୍ଷ ହିଁ ଜୀବନ। ପରିବେଶ ସନ୍ତୁଳନ ବଜାୟ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଟାଟାପାୱାର ପକ୍ଷରୁ ଛାତ୍ରୀମାନଙ୍କୁ ନେଇ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଧାନ ଫସଲରେ ଶୋଷକ ପୋକ

ଚମ୍ପୁଆ, ୭।୧୦(ମହେଶ୍ୱର ଦାସ)



ଚାଷୀ ଶୋଷକ ପୋକ ଦ୍ୱାରା ଆକ୍ରାନ୍ତ ଧାନଗଛ ଦେଖାଉଛନ୍ତି।

ଅଧିକ ଅମଳ ଆଶାରେ ଉନ୍ନତ ମାନର ବିହନ ଚାଷ କରିଥିଲେ। ଧାନ ପାଚିବା ସମୟରେ ଫସଲରେ ଶୋଷକ ପୋକ ଲାଗି ଫଳରୁ ରସ ଶୋଷି ଅଗାଡ଼ି କରିଦେଉଛନ୍ତି। ଗଛ ସତେଜ ଥିବା ବେଳେ ଧାନ ଭିତରେ ମଞ୍ଜି ରହୁନାହିଁ। କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ୧୩ ନମ୍ବର ୱାର୍ଡ ନୂଆଗାଁର ଚାଷୀ କୃଷ୍ଣ ଚନ୍ଦ୍ର ସୁଣ୍ଡିଙ୍କ ଧାନ କ୍ଷେତରେ ଏଭଳି ସମସ୍ୟା ଦେଖାଦେଇଛି । ଦିନକୁ ଦିନ ଏହି ରୋଗ ବଢ଼ିବାରେ ଲାଗିଥିବାରୁ ଫସଲ ଉଜୁଡ଼ିବା ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି।

ସୂଚନା ଅନୁଯାୟୀ, କୃଷ୍ଣ ଉନ୍ନତ ମାନର ହାଇବ୍ରିଡ୍ ଧାନ ବିହନ ଆଣି ପ୍ରାୟ ୨ ଏକର ଜମିରେ ଚାଷ କରିଥିଲେ। ଅଧିକ ଅମଳ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ରୋଗପୋକ ଦାଉରୁ ରକ୍ଷା ପାଇଁ କୀଟନାଶକ ବ୍ୟବହାର କରିଥିଲେ। ମାତ୍ର କିଛି ଦିନ ହେବ କଞ୍ଚା ଧାନଗୁଡ଼ିକ ଶୁଖିଯାଉଥିବା ଦେଖି କୃଷି ବିଭାଗ ସହ ଯୋଗାଯୋଗ କରିଥିଲେ। ଶୁଖିଯାଉଥିବା ଧାନ ଭିତରେ ମଞ୍ଜି ନ ଥିବା ବେଳେ ଏହି ରୋଗ ବଢ଼ିବାରେ ଲାଗିଛି। ଚାଷ ଜମିରେ ଚକଡ଼ା ଚକଡା ସ୍ଥାନରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଖବର ପାଇ କୃଷି ବିଭାଗ ପକ୍ଷରୁ ଉକ୍ତ ଜମିକୁ ଯାଇ ଘଟଣାର ତଦନ୍ତ କରାଯିବାରୁ ଗଛଗୁଡ଼ିକ ସତେଜ ରହିଥିବା ବେଳେ ଧାନ ଶୁଖିଯାଇଥିବା ଏବଂ ଭିତରେ ଧାନ ମଞ୍ଜି ନ ଥିବା ଜଣାପଡ଼ିଥିଲା। କୃଷି ବିଭାଗ ପକ୍ଷରୁ ଏହା ଏକ ଶୋଷକ ଜାତୀୟ

**୨ ଏକରରୁ ଊର୍ଦ୍ଧ୍ୱ ଜମି ପ୍ରଭାବିତ, ଚିନ୍ତାରେ ଚାଷୀ**

ପୋକ ଦ୍ୱାରା ପ୍ରଭାବିତ ହୋଇଛି। ପୋକ ଧାନ କାଣ୍ଡରେ ରହି ଆବଶ୍ୟକ କ୍ଷୀର ଶୋଷି ନେଉଥିବାରୁ ଧାନ ଭିତରେ ମଞ୍ଜି ହୋଇପାରୁ ନ ଥିବା ଏବଂ ଧାନ ଗୁଡ଼ିକ ଅଗାଡ଼ି ହେଉଯାଉଥିବା ଜଣାଯାଇଛି। ଏ ନେଇ ଚମ୍ପୁଆ କୃଷି ଅଧିକାରୀ ନୀଳମାଧବ ଦାସ କହିଛନ୍ତି, ଏ ପ୍ରକାର ରୋଗ ଧୀରେ ଧୀରେ ବ୍ୟାପିଥାଏ। ଏହାର ପ୍ରତିଶେଧକ ପାଇଁ ଚାଷୀଙ୍କୁ କୀଟନାଶକ ସିଞ୍ଚନ ପାଇଁ ପରାମର୍ଶ ଦେଇଛୁ। ଏହା ୩ ଦିନ ଛିଞ୍ଚିବା ଆବଶ୍ୟକ ରହିଛି। ଯଦି ଏଥିରେ ସୁଧାର ନ ଆସିଲା ତେବେ ଅନ୍ୟ କୀଟନାଶକ ବ୍ୟବହାର କରିବାକୁ ପରାମର୍ଶ ଦିଆଯିବ। କୃଷି ବିଭାଗ ପକ୍ଷରୁ ଏହି ରୋଗ ପୋକକୁ ନିୟନ୍ତ୍ରଣ ପାଇଁ ନଜର ରଖାଯିବ ବୋଲି ସେ ମତ ଦେଇଛନ୍ତି।

# ଶ୍ରୀରାମ ରଥକୁ ସ୍ୱାଗତ



ଯୋଡ଼ା ସହରରେ ଶ୍ରୀରାମ ରଥ ପରିକ୍ରମା କରୁଛି।

ଯୋଡ଼ା(ମାନସ ମହାନ୍ତି)/ କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୭।୧୦

ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ ସୌର୍ଯ୍ୟ ଜାଗରଣ ଯାତ୍ରା ଦେଶ ସାରା ଚାଲିଥିବା ବେଳେ ଗୁରୁବାର ବଡ଼ବିଲରୁ ଆସି ଯୋଡ଼ାରେ ପହଞ୍ଚିଥିଲା। ଯାତ୍ରା ଆୟୋଜନ ସମିତି ଯୋଡ଼ା ତରଫରୁ କଳାପାହାଡ଼ ଛକରେ ରଥକୁ ସ୍ୱାଗତ କରାଯାଇଥିଲା। କଳାପାହାଡ଼ ଛକରୁ ଏକ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ବସ୍ଷ୍ଟାଣ୍ଡ ଦେଇ ଲାଓ ପ୍ୟାଲେସ ଓ ସେଠାରୁ ହନୁମାନ ମନ୍ଦିର ଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ସାହୁ, ବିଶ୍ୱହିନ୍ଦୁ ପରିଷଦର ଜିଲା ସଂଯୋଜକ ଘନଶ୍ୟାମ ମହାନ୍ତ ଯାତ୍ରାର ଆବଶ୍ୟକତା ସମ୍ବନ୍ଧରେ କହିଥିଲେ। ରଞ୍ଜିତ ମହାକୁଡ଼, ଆନନ୍ଦ ବାରିକ, ପିଣ୍ଟୁ ସିଂ, ଆର କେ ସିଂ, ଚର୍ଚ୍ଚିଲ ମହାକୁଡ଼, ଦେବ ପ୍ରସାଦ ମିଶ୍ର, ଶ୍ରଦ୍ଧାଞ୍ଜଳି କର, ସନାତନ ମୁଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ଲୋକେ ପରିକ୍ରମା ସମୟରେ ସ୍ୱାଗତ କରିଥିଲେ। କେନ୍ଦୁଝର ସହରରେ ରଥକୁ ସଂଗଠନର କର୍ମକର୍ତ୍ତା ଓ ସହରବାସୀ ସ୍ୱାଗତ କରିଥିଲେ। ହିନ୍ଦୁମାନଙ୍କୁ ସନାତନ ଧର୍ମର ଗୌରବ ମୟ ପରିଚୟକୁ ମନେପକାଇବା ଉଦ୍ଦେଶ୍ୟରେ ସୌର୍ଯ୍ୟ ଜାଗରଣ ରଥ ଯାତ୍ରା ଅନୁଷ୍ଠିତ ହେଉଛି ବୋଲି ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ତୁଷାରକାନ୍ତ ସାମନ୍ତ କହିଛନ୍ତି। ହିନ୍ଦୁ ଜାଗରଣ ସାମୁଖ୍ୟର ଦେବରାଜ ଆଚାର୍ଯ୍ୟ, ବରଦା ସାହୁ, କେଦାରନାଥ ଦାଶ, ସଦର ବିଧାୟକ ମୋହନ ଚରଣ ମାଝୀ, କେନ୍ଦୁଝର ନଗରପାଳ ନିକୁ ସାହୁ, କିରଣବାଳା ନାୟକ ଭଳି ବହୁ ନେତୃବର୍ଗ ଉପସ୍ଥିତ ଥିଲେ।

# ସରକାରୀ ଜାଗାରେ ତାରବାଡ଼କୁ ନେଇ ଅସନ୍ତୋଷ



ଖବରଦାତା ସମ୍ମିଳନୀରେ ଗ୍ରାମବାସୀ।

ଭୋଗରାଇ, ୭।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳସୋହରିଆ ପଞ୍ଚାୟତ ଜଳସୋହରିଆ ଗ୍ରାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଚାରଣ ଭୂମି ଓ ଖେଳପଡ଼ିଆକୁ ଜଣେ ବ୍ୟକ୍ତି ତାରଜାଲି ଘେରାଉ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ସରକାରୀ ଗୋଚର ଜମିକୁ ତାରଜାଲି ଘେରାଯାଇଥିବାରୁ ଗ୍ରାମରେ ଗୋଚାରଣ ଭୂମିର ଅଭାବ ଦେଖାଦେବା ସହିତ ସେଠାରେ ସାଂସ୍କୃତିକ ଅନୁଷ୍ଠାନ, ସଭାସମିତି, ଯାନିଯାତ୍ରା, ଅନ୍ନ ମହୋତ୍ସବ ବାଧା ଉପୁଜିଥିବା ଗ୍ରାମବାସୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ଏଭଳି ସ୍ଥିତିରେ ଗ୍ରାମ ମାଲିକ ଅନୀଲ କୁମାର ଗିରି, ଶ୍ରୀହରି ସାମଲ, ଜୟନ୍ତ ଗିରି, ଶ୍ରୀହରି ଚରଣ ଦାସ, ଅଶୋକ ଜେନା, ଚିରଞ୍ଜୀବ ସାମଲ, ଅମରେନ୍ଦ୍ର ପ୍ରଧାନ, ବଂଶୀଧର ଗିରି, ବିନୟ ଗିରି, ସନ୍ତୋଷ ଧଡ଼ା, ସୁବଲ ଚନ୍ଦ୍ର ପାଲ, ମାଧବ ପାତ୍ର ଓ ବାସନ୍ତୀ ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ତାରଜାଲି ଘେରାବାଡକୁ ଅବିଳମ୍ବେ ଉଚ୍ଛେଦ କରାଯାଇ ସର୍ବସାଧାରଣ ନିମନ୍ତେ ଗୋଚାରଣ ଭୂମିରେ ରୂପାନ୍ତରିତ କରିବାକୁ ଭୋଗରାଇ ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସେଠାରେ ଏମ୍‌ଜି ଏମ୍‌ଏନ୍‌ଆର୍‌ଇଜିଏସ୍ ପକ୍ଷରୁ କାର୍ଯ୍ୟ କରାଯାଇ ପାର୍କ ହେବାର ନିଷ୍ପତ୍ତି ହୋଇଥିବାରୁ ତାରଜାଲି ବାଡ଼ ହୋଇଥିବା ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ଆଧେକ କହିଛନ୍ତି। ଭୋଗରାଇ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଗ୍ରାମବାସୀଙ୍କ ଦ୍ୱାରା ଲିଖିତ ଅଭିଯୋଗ ପାଇଥିବା ବେଳେ ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେଲେ ଖୁବ୍‌ଶୀଘ୍ର ସେଠାରେ ଥିବା ତାରଜାଲି ଘେରାବାଡ଼କୁ ଉଚ୍ଛେଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ ରାଜ୍ୟପାଳ

ତିହିଡ଼ି,୭।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତସ୍ଥିତ ବୀଣାପାଣି ହାଇସ୍କୁଲରେ ରବିବାର ଆରମ୍ଭ ହେବ ସୁବର୍ଣ୍ଣ ଜୟନ୍ତୀ ସମାରୋହ। ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରବିବାର ଅପରାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପାଇଁ ସୁବର୍ଣ୍ଣ ଜୟନ୍ତୀ କମିଟି ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ, ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ସମାଧାନ ନ ହେଲେ ରେଳରୋକୋ ଚେତାବନୀ

ଚାନ୍ଦବାଲି, ୭।୧୦(କିଶାନ ପାତ୍ର)

**ଡିପିସିଏଲ୍, ଟ୍ରକ୍ ମାଲିକ ସଂଘ ବିବାଦ**

ଡିପିସିଏଲ୍ କମ୍ପାନୀ ସହ ଟ୍ରକ୍ ମାଲିକ ସଂଘ ବିବାଦର ସମାଧନ ପାଇଁ ଶନିବାର ଚାନ୍ଦବାଲି ଅରଣ୍ୟ ନିବାସ ପରିସରରେ ଟ୍ରକ୍ ମାଲିକ ସଂଘ ସହ ଧାମରା ପୋର୍ଟ କର୍ତ୍ତୃପକ୍ଷ ଏବଂ ଭଦ୍ରକ ଜିଲା ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିପିସିଏଲ୍ ପକ୍ଷରୁ ଟ୍ରାନ୍ସପୋର୍ଟ ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଡିପିସିଏଲ୍‌ରେ କାର୍ଯ୍ୟରତ ଟ୍ରକ୍ ମାଲିକ ସଂଘକୁ ୨ ବର୍ଷ ହେବ ଭେଣ୍ଡର ମାଧ୍ୟମରେ ପ୍ରାପ୍ୟ ଦିଆଯାଇ ନାହିଁ। ଏନେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପୋର୍ଟ କର୍ତ୍ତୃପକ୍ଷ, ଜିଲାପାଳଙ୍କ ନିକଟରେ ଓ ଧାମରା ଥାନାରେ ଲିଖିତ ଅଭିଯୋଗ ସହ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ବୈଠକରେ ଟ୍ରକ୍ ମାଲିକମାନଙ୍କ ଦାବିକୁ ଗ୍ରହଣ କରି ୭ ଦିନ ମଧ୍ୟରେ ସାମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ୭ ଦିନ ମଧ୍ୟରେ ସମାଧାନ ନ ହେଲେ ରେଳରୋକୋ କରାଯିବ ବୋଲି ସଂଘ ଚେତବନୀ ଦେଇଛି। ବିଶ୍ୱକର୍ମା ଟ୍ରକ୍ ମାଲିକ ସଂଘର ସଭାପତି ପ୍ରଫୁଲ୍ଲ ପୃଷ୍ଟି, ଚନ୍ଦନ ନାୟକ, ସୁବ୍ରତ ନାୟକ, ବଳରାମ ପରିଡ଼ା, ପ୍ରଦୀପ ମଲ୍ଲିକ, ରଜତ ପତି, ନନ୍ଦିଘୋଷ ବେହେରା, ଅଜୟ ବେହେରା, ପ୍ରଶାନ୍ତ ବାରିକ, ଅଶୋକ ବାରିକ, ଦୀପକ ରାଉତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ପାଇଥିବା ୧୦ ହଜାର ଫେରାଇଲେ ହୋମ୍‌ଗାର୍ଡ

ବାରିପଦା,୭।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ହୋମଗାର୍ଡଙ୍କୁ ଏସ୍‌ପି ବି. ଗଙ୍ଗାଧର ପୁରସ୍କୃତ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦାର ଜଣୈକ ପୋଲିସ ହୋମଗାର୍ଡ ୧୦ ହଜାର ଟଙ୍କା ପାଇ ହରାଇଥିବା ବ୍ୟକ୍ତିଙ୍କୁ ଫେରସ୍ତ କରିଛନ୍ତି। ଉକ୍ତ ଘଟଣାରେ ଜିଲା ପୋଲିସ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ତାଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ପୋଲିସ ବିଭାଗ ତଥା ସମାଜକୁ ନୂତନ ବାର୍ତ୍ତା ପ୍ରଦାନ କରୁଛି ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି.ଗଙ୍ଗାଧର ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ହୋମଗାର୍ଡ ସଙ୍ଗୀତା ମାରାଣ୍ଡି ବାରିପଦା ସହରର ମ୍ୟୁନିସିପାଲିଟି ପାର୍ଶ୍ୱରେ ଥିବା ଏଟିଏମ୍‌ରୁ ଟଙ୍କା କାଢ଼ିବାକୁ ଆସିଥିଲେ। ଗୋଟିଏ ମେଶିନ ଖରାପ ଥିବାରୁ ଅନ୍ୟ ଏକ ମେଶିନରୁ ଟଙ୍କା କାଢ଼ିବା ସମୟରେ ପାର୍ଶ୍ୱରେ ଥିବା ମେଶିନରୁ ୧୦ହଜାର ଟଙ୍କା ବାହାରିଥିଲା। ତେବେ ଉକ୍ତ ଟଙ୍କାକୁ ନେଇ ସଙ୍ଗୀତା ଏସ୍‌ପିଙ୍କୁ ଦେଇଥିଲେ। ଏ ସମ୍ପର୍କରେ ଏଟିଏମର ତଥ୍ୟ ଯାଞ୍ଚ କରିବା ପରେ ଉକ୍ତ ଟଙ୍କା ଡା ନିମାଇଁ ଚରଣ ହାଁସଦାଙ୍କ ବୋଲି ଜଣାପଡ଼ିଥିଲା। ତେବେ ଡାକ୍ତର ଜଣକ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଟଙ୍କା କାଢ଼ିବା ପରେ ପୁନର୍ବାର ୧୦ହଜାର କାଢ଼ିବା ସମୟରେ ମେଶିନ ଖରାପ ହୋଇଯାଇଥିଲା। ଡାକ୍ତର ଜଣକ ଅପେକ୍ଷା ନ କରି ପଳାଇଥିଲେ। କିଛି ସମୟ ପରେ ହୋମଗାର୍ଡ ଜଣକ ଟଙ୍କା କାଢ଼ିବା ସମୟରେ ଉକ୍ତ ଟଙ୍କା ବାହାରିଥିଲା। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ତାଙ୍କୁ ଉକ୍ତ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ହୋମଗାର୍ଡ ଜଣକ ପରିବାରର ଏକୁଟିଆ ରୋଜଗାର କରନ୍ତି। ତାଙ୍କ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଟଙ୍କା ପାଇ ଫେରାଇବା ଭଳି ମହାନତାକୁ ନେଇ ଜିଲା ଏସ୍‌ପି ଗଙ୍ଗାଧର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ୨ ହଜାର ଟଙ୍କା ପୁରସ୍କୃତ କରିଛନ୍ତି। ଏହି ଟଙ୍କା ପେନସନ ସମୟରେ ମିଳିବ ବୋଲି ଜଣାଇଛନ୍ତି।

# ଟମାଟୋ ବୋଝେଇ ଭ୍ୟାନ୍‌ରେ ଗୋଚାଲାଣ

ରୂପସା, ୭।୧୦(ବାଞ୍ଛାନିଧି ଦେ)

ଗୋଚାଲାଣକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଚାଲାଣକାରୀମାନେ ଏଥର ପରିବା ବୋଝେଇ ପିକଅପ୍ ଭ୍ୟାନ୍‌କୁ ନୂଆ ତରିକା ରୂପେ ଆପଣାଇଛନ୍ତି। ଏକ ଟମାଟୋ ବୋଝେଇ ଭ୍ୟାନ୍‌ରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ବାଲେଶ୍ୱର ଜିଲା ବସ୍ତା ଥାନା ଭେଲୋରା ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଶନିବାର ଉକ୍ତ ଭ୍ୟାନକୁ ସ୍ଥାନୀୟ ଯୁବକମାନେ କାବୁ କରିଛନ୍ତି।

ସୂଚନା ଅନୁସାରେ ସକାଳେ ଏକ ଟମାଟୋ ବୋଝେଇ ପିକଅପ୍ (ଓଡ଼ି୦୧ଏକେ-୯୧୬୧)ରେ ଭଦ୍ରକରୁ ୮ଟି ଷଣ୍ଢ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। କେତେଜଣ ଯୁବକ ଜାଣିପାରି କୁଣ୍ଡପୁରଠାରୁ ଗାଡିକୁ ପିଛା କରିଥିଲେ। ଭେଲୋରା ଛକରେ ରାସ୍ତା କାମ ଚାଲୁଥିବା ଦେଖି ଚାଳକଜଣକ ଗାଡିକୁ ପଶ୍ଚିମବଙ୍ଗ ମୁହାଁ ନେବା ପରିବର୍ତ୍ତେ ଭେଲୋରା ଗ୍ରାମ ଭିତରକୁ ନେଇଥିଲା। ପିକଅପ୍ ଉକ୍ତ ରାସ୍ତାର ଭେଲୋରା ଗ୍ରାମ୍ୟବ୍ୟାଙ୍କ ନିକଟରେ ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ ଚକ ଦବିଯିବାରୁ ତାହା ଅଟକିଯାଇଥିଲା। ଗାଡ଼ିକୁ ପିଛା କରି ଆସିଥିବା ଯୁବକମାନେ ଖଲାସୀଙ୍କୁ କାବୁ କରିନେଇଥିବା ବେଳେ ଚାଳକ ଜଣକ ସେଠାରୁ ଚମ୍ପଟ ମାରିଥିଲେ। ଖବରପାଇ ବସ୍ତା ଥାନା ପୋଲିସ ପହଞ୍ଚିଥିଲେ। ବସ୍ତା ଥାନାରେ ଏକ ମାମଲା ରୁଜୁ ହୋଇ ପୋଲିସ ପିକଅପ୍‌କୁ ଜବତ କରିବା ସହ ଉଦ୍ଧାର ହୋଇଥିବା ୮ ଷଣ୍ଢ ମଧ୍ୟରୁ ୭କୁ ନେଇ ଗୋଶାଳାରେ ଛାଡ଼ିଥିବା ବେଳେ ଗୋଟିଏ ଷଣ୍ଢକୁ ଗ୍ରାମବାସୀ ଗାଁରେ ଛାଡିଛନ୍ତି। ସେପଟେ ଆକ୍ରମଣର ଶିକାର ହୋଇଥିବା ଖଲାସୀଙ୍କୁ ଚିକିତ୍ସା କରାଯାଉଥିବା ବେଳେ ସେ ମଧ୍ୟ ଫେରାର୍ ହୋଇଯାଇଥିବା ଆଲୋଚନା ହେଉଛି।

# ବୈଠକ ବର୍ଜନ କଲେ ୯ କଂଗ୍ରେସ କାଉନସିଲର



କଂଗ୍ରେସ କାଉନସିଲରମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଅଭିଯୋଗ ଜଣାଉଛନ୍ତି।

ବାସୁଦେବପୁର, ୭।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟରେ ଶନିବାର ପାରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ଓ ଅନିୟମିତତାକୁ ବିରୋଧ କରି ୯ଜଣ କଂଗ୍ରେସ କାଉନସିଲର ଅଧାରୁ ବୈଠକ ବର୍ଜନ କରିଛନ୍ତି। ପୌରପାଳିକାର ବିଭିନ୍ନ ଆର୍ଥିକ ଅନିୟମିତତା, କାର୍ଯ୍ୟରେ ପାତର ଅନ୍ତର ଓ ଦୁର୍ନୀତି ପ୍ରତି ପୌରପାଳିକା ଆଖି ବୁଜି ଦେଉଛି ବୋଲି କଂଗ୍ରେସ କାଉନସିଲରମାନେ ଅଭିଯୋଗ ଆଣିବା ସହ ବୈଠକ ଛାଡ଼ି ଚାଲି ଆସିଥିଲେ। ପରେ ସେମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଅନିୟମିତତା ସମ୍ପର୍କରେ ଅବଗତ କରିବା ସହ ପଦକ୍ଷେପ ନିଆ ନ ଗଲେ ଦଳ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ପୌରପାଳିକା ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସହରାଞ୍ଚଳରେ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଏନେଇ ସହରାଞ୍ଚଳବାସୀ ଓ କାଉନସିଲରଙ୍କ ସହଯୋଗ ଲୋଡ଼ିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୌରାଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ, ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ, ବିଜେଡି ଓ ଭାଜପା କାଉନସିଲରମାନେ ଉପସ୍ଥିତ ଥିଲେ।

# ପ୍ରତିଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ହେବ ବିଭିନ୍ନ ବେଶ

ନୀଳଗିରି, ୭।୧୦(ପ୍ରଶାନ୍ତ ବିଶ୍ୱାଳ)



ମା' ଭୂଧାରଚଣ୍ଡୀଙ୍କ ମନ୍ଦିର।

**ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା**

ବାଲେଶ୍ୱର ଜିଲା ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ଅବସରରେ ଶୁକ୍ରବାରଠାରୁ ଆରମ୍ଭ ହେଲା ଷୋଡ଼ଶ ଉପଚାର ପୂଜା। ଗତ ଗୁରୁବାର ପାର୍ବଣ ଘଟକୁ ଉତ୍ତୋଳନ କରିବା ସହ ଠାକୁରାଣୀଙ୍କ ସହସ୍ର ଅଭିଷେକ କରାଯାଇଛି। ଏହି ଶାରଦୀୟ ପାର୍ବଣ ପୂଜା ମହାନବମୀ ରବିବାର ପର୍ଯ୍ୟନ୍ତ ୧୬ଦିନ ଧରି ଚାଲିବ। ଷୋଳପୂଜା ପାଇଁ ଦେବୀଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସଜ୍ଜିତ ହେଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ଚନ୍ଦନ ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ର କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଇଥାଏ। ମୁଖ୍ୟ ପୂଜକ ଭାବେ ବିଜୟ କୁମାର ପଣ୍ଡା ପ୍ରତିଦିନ ଚଣ୍ଡୀପାଠ କରିବା ସହ ପୂଜା ପରିଚାଳନା କରିଥାନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ମା' ଭୂଧାରଚଣ୍ଡୀ ମହିଷାସୁରକୁ ବଧ କରିବାକୁ ବ୍ରହ୍ମାକୁଣ୍ଡରୁ ଜାତ ହୋଇଥିବା ବିଶ୍ୱାସ ଥିବାରୁ ଏହି ପରମ୍ପରାରେ ପ୍ରତ୍ୟେକ ବର୍ଷ ପୂଜାବିଧି ହୋଇଆସୁଛି। ଅକ୍ଟୋବର ୨୦ରେ ସପ୍ତମୀ ପୂଜା ଓ ୨୧ରେ ଅଷ୍ଟମୀ ପୂଜା ସହ ୨୨ରେ ନବମୀ ପୂଜା ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୂତି କରାଇଥାନ୍ତି। ୨୩ରେ ବିଶ୍ରାମ, ୨୪ତାରିଖ ଦଶହରାରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବା ପରେ ପୂଜାରୀ ଘଟକୁ ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି।

